# ଆଦିବାସୀ ମେଳା-୨୦୧୬
# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
# ପ୍ରେସ୍ ନୋଟ୍

ତା ୨୫.୦୧.୨୦୧୬

**ଆଦିବାସୀ ମେଳାର ପୃଷ୍ଠଭୂମି ;**

୧୯୫୧ ମସିହା ଜନରାଜ୍ୟ ଦିବସରେ ତତ୍କାଳିନ ଓଡ଼ିଶାର ରାଜଧାନୀ କଟକ ଠାରେ ଆଦିବାସୀ ମେଳାର ପ୍ରଥମ ଶୁଭାରମ୍ଭ ହୋଇଥିଲା । ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହେବା ପରେ ୧୯୫୪ ମସିହାରୁ ଆଦିବାସୀ ମେଳା ୟୁନିଟ୍-୧ ସ୍ଥିତ, ଆଦିବାସୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଆସୁଅଛି ।

ଆଦିବାସୀ ମାନଙ୍କର କଳା, ସଂସ୍କୃତି, ଜୀବନ ଧାରଣର ଶୈଳୀ, ଚିତ୍ରକଳା ଓ ସ୍ଥାପତ୍ୟକୁ ପ୍ରଦର୍ଶନ କରିବା ସହିତ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଓ ଆଦିବାସୀ ସାମଗ୍ରୀର ବିପଣନ ଏହି ମେଳାର ମୁଖ୍ୟ ଉଦେଶ୍ୟ । ଓଡିଶାର ୬୨ ଟି ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ସରକାରୀ ଯୋଜନାର କାର୍ଯ୍ୟକାରିତାର ଏକ ଝଲକ ମଧ୍ୟ ଏହି ମେଳାର ଅନ୍ୟତମ ଆକର୍ଷଣ । ପୂର୍ବରୁ ମେଳାର ଅବଧି ଏକ ସପ୍ତାହ ଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଗ୍ରହକ୍ରମେ ୨୦୧୦ ମସିହାରୁ ଏହାକୁ ପନ୍ଦର ଦିନକୁ ବୃଦ୍ଧି କରାଯାଇଅଛି ।

**ଆଦିବାସୀ ମେଳା-୨୦୧୬ ସମ୍ପର୍କରେ ସୂଚନା;**

ଆଦିବାସୀ ମେଳା – ୨୦୧୬ କୁ ଆଗାମୀ ୨୬ ତାରିଖ ଦିନ ସଂଧ୍ୟାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବେ । ଏହି ମେଳା ଜାନୁଆରୀ ୨୬ ତାରିଖରୁ ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ଚାଲିବ । ଏହାକୁ ଏକ ବର୍ଣ୍ଣାଢ୍ୟ ଢଙ୍ଗରେ ଉପସ୍ଥାପନ କରାଯାଉଛି ।

ସମଗ୍ର ମେଳା ପରିସରକୁ ଏକ ଆଦିବାସୀ ଅଂଚଳର ରୂପ ଦେବାପାଇଁ ପ୍ରୟାସ କରାଯାଉଛି । ମେଳା ପରିସରକୁ ମୁଖ୍ୟତଃ ସାତଗୋଟି ବିଭାଗରେ ବିଭକ୍ତ କରାଯାଇଛି । ସେଗୁଡିକ ହେଲା ; ଜନଜାତି ଗ୍ରାମପୁଞ୍ଜ, ଜନଜାତି ହାଟ, ଜନଜାତି ହସ୍ତଶିଳ୍ପ, ସରକାରୀ ଷ୍ଟଲ,ଜନଜାତି ଖାଦ୍ୟ ପ୍ରାଙ୍ଗଣ, ନୃତ୍ୟ ପ୍ରାଙ୍ଗଣ, ବୟନ କଳା ପ୍ରାଙ୍ଗଣ । ପ୍ରତ୍ୟେକ ବିଭାଗ ନିଜନିଜ ଆୟୋଜନ ଦ୍ୱାରା ଦର୍ଶକମାନଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିପାରିବେ ବୋଲି ଆଶା ।

- ❖ ଚଳିତ ବର୍ଷ ଆଦିବାସୀ ମେଳାରେ ମୋଟ୍ ୧୮୦ ଟି ଷ୍ଟଲ୍ ନିର୍ମାଣ କରାଯାଇଛି ।
- ❖ ଆଦିବାସୀ ଗ୍ରାମପୁଞ୍ଜରେ ୨୧ଟି ଆଇ.ଟି.ଡି.ଏ. ଓ ୮ ଟି ମାଇକ୍ରୋ ପ୍ରୋଜେକ୍ଟ ଦ୍ୱାରା ନିମିତ ବିଭିନ୍ନ ଜନଜାତିଙ୍କର ପାରମ୍ପରିକ ଘର , ଘର ଉପକରଣ, ଚଳଣି ଓ ପରମ୍ପରାର ଝଲକ ପ୍ରଦର୍ଶିତ ହେବ ।

❖ ଆଦିବାସୀ ହାଟରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲ ଜାତ ସାମଗ୍ରୀର ବିକ୍ରିବଟାର ବ୍ୟବସ୍ଥା ହୋଇଅଛି । ଏଠାରେ ୩୦ ଟି ପିଣ୍ଡି ରହିଛି । ଏଠାରେ ଆଇ.ଟି.ଡି.ଏ. ଓ ମାଇକ୍ରୋ ପ୍ରୋଜେକ୍ଟ ଅଂଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ସେମାନଙ୍କ ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରିବେ ।

ଏହାଛଡା ଟି.ଡି.ସି.ସି., ଟ୍ରାଇଫେଡ୍, ମହିଳା ବିକାଶ ସମବାୟ ନିଗମ , ଓଡିଶା ବନ ଉନ୍ନୟନ ନିଗମ ଭଳି ବିଭିନ୍ନ ଅର୍ଦ୍ଧ ସରକାରୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀମାନେ ମଧ୍ୟ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଆଦିବାସୀ ଓ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୟ ପାଇଁ ଷ୍ଟଲ୍‌ମାନ ଖୋଲୁଛନ୍ତି ।

❖ ଆଦିବାସୀ ଚିତ୍ରକଳା ଓ କଳାବସ୍ତୁ ଏବଂ ଆଦିବାସୀ ବୟନ ଓ ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ପାଇଁ ସ୍ୱତନ୍ତ୍ର ବିଭାଗ ମାନ ରଖାଯାଇଅଛି ।

❖ ଆଦିବାସୀ ଖାଦ୍ୟ ପ୍ରାଙ୍ଗଣରେ ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ମୁଢି ମାଂସ, ପାଳୁଅ/କାଙ୍ଗୁ ଖିରି, ମାଣ୍ଡିଆ ଜାଉ, ମାଣ୍ଡିଆ ପିଠା, ହର୍ବାଲ ଜୁସ୍ ଆଦି ଦର୍ଶକମାନଙ୍କୁ ପରସା ଯିବାର ବନ୍ଦୋବସ୍ତ ହୋଇଅଛି । ଦର୍ଶକମାନେ ସୁଲଭ ମୂଲ୍ୟରେ ଏହିସବୁ ଆଦିବାସୀ ଖାଦ୍ୟର ମଜା ନେଇପାରିବେ ।

❖ ମୁଖ୍ୟ ରଙ୍ଗମଂଚରେ ପ୍ରତ୍ୟହ ସନ୍ଧ୍ୟା ୬.୦୦ ଠାରୁ ୯.୦୦ ପର୍ଯ୍ୟନ୍ତ ଜନଜାତିଙ୍କର ପାରମ୍ପରିକ ନୃତ୍ୟ, ସଙ୍ଗୀତ,ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର କଳାକାରମାନଙ୍କ ଦ୍ୱାରା ପରିବେଷିତ ହେବ । ପ୍ରତ୍ୟହ ୬ ଗୋଟି ନୃତ୍ୟ ପ୍ରଦର୍ଶନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଜାନୁୟାରୀ ୩୦ ତାରିଖ ଦିନ ଶହୀଦ ଦିବସ ଉପଲକ୍ଷେ ଏକ ଭଜନ ସମାରୋହର ଆୟୋଜନ କରାଯାଇଛି । ଏହା ଛଡା ବିଭାଗର ସାଂସ୍କୃତିକ ପରିଷଦ ଦ୍ୱାରା ଫେବୃୟାରୀ ୫ ତାରିଖ ଦିନ ସଚେତନତା ଧର୍ମି ନାଟକ ମଞ୍ଚସ୍ଥ ହେବାର ସ୍ଥିର ହୋଇଛି ।

❖ ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କୀତ ଚିତ୍ର ଓ ତଥ୍ୟ ବିଭିନ୍ନ ସରକାରୀ ବିଭାଗର ଷ୍ଟଲ୍‌ମାନଙ୍କରେ ପ୍ରଦର୍ଶିତ ହେବ । ସେହିଭଳି ସରକାରୀ/ବେସରକାରୀ ଉଦ୍ୟୋଗମାନେ ନିଜ ନିଜର ଷ୍ଟଲ୍‌ରେ ଆଦିବାସୀମାନଙ୍କ ବିକାଶପାଇଁ ସେମାନଙ୍କ ଦ୍ୱାରା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କିତ ତଥ୍ୟ ଓ ଚିତ୍ର ପ୍ରଦର୍ଶନ କରିବେ ।

ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଆଦିବାସୀ ମେଳାକୁ ରାଜ୍ୟ ତଥା ବାହାରୁ ପ୍ରାୟ ୮ ରୁ ୧୦ ଲକ୍ଷ ଦର୍ଶକ ଆସିଥାଆନ୍ତି । ଏହି ମେଳାରେ ୫ ରୁ ୬ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ । ଭୁବନେଶ୍ୱର ଓ ଏହାର ଆଖପାଖ ଅଧିବାସୀମାନେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ପ୍ରାୟ ବର୍ଷକ ପାଇଁ ହଳଦୀ, ମାଣ୍ଡିଆ, ମୁଗ, ବିରି, ମକା, ବାସନା ଚାଉଳ, ମହୁ, ଝୁଣା, ଝାଡୁ, ପାଳୁଅ ଆଦି ଆଦିବାସୀ ତଥା ଜଙ୍ଗଲ ଜାତ ଦ୍ରବ୍ୟ ଏହି ମେଳାରୁ କ୍ରୟ କରିଥାନ୍ତି ।

ଟ୍ରାଫିକ୍ ସମସ୍ୟାର ସମାଧାନ ନିମନ୍ତେ ଆଦିବାସୀ ପଡିଆର ଚତୁଃପାର୍ଶ୍ୱକୁ ଉନ୍ମୁକ୍ତ ରଖାଯାଇଅଛି । ଏଠାରେ କୌଣସି ପ୍ରକାର ମୀନା ବଜାର, ଚକ୍ରି, ମ୍ୟାଜିକ ସୋ ପ୍ରଭୃତି ଖୋଲା

ଯିବା ପାଇଁ ବାରଣ କରାଯାଇଛି । ପାର୍କିଙ୍ଗ ପାଇଁ ମଧ୍ୟ ଆବଶ୍ୟକ ବନ୍ଦୋବସ୍ତ କରାଯିବା ସହିତ କେବଳ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ପ୍ରାପ୍ତ ସଂସ୍ଥାକୁ ଅନୁମତି ଦିଆଯାଇଛି । ଚଳିତ ବର୍ଷ ଆଦିବାସୀ ମେଳାରେ କ୍ରମବର୍ଦ୍ଧିଷ୍ଣୁ ଦର୍ଶକଙ୍କୁ ଲକ୍ଷ୍ୟ କରି ପଡିଆ ଭିତରର ରାସ୍ତା ଗୁଡିକୁ ପ୍ରଶସ୍ତ କରାଯାଇଛି । ଗେଟ୍ ଗୁଡିକ ଓସାରିଆ କରାଯାଇ ଅଧିକ ଦର୍ଶକ ସୁବିଧାରେ ଯେପରି ଯା ଆସ କରିବେ ତାର ବନ୍ଦୋବସ୍ତ କରାଯାଇଛି । ଏହାଛଡା ଭିଡକୁ ଶୃଙ୍ଖଳିତ କରିବା ପାଇଁ ଆଉ ଏକ ନୂତନ ଗେଟ୍ ଖୋଲାଯାଇଛି । ଚଳିତ ବର୍ଷ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଇ,ଯେପରି ଧୂଳି ବିଶେଷ ନ ହୁଏ ସେଥି ନିମନ୍ତେ ସମସ୍ତ ଯାତାୟତ ସ୍ଥାନକୁ ଗ୍ରୀନ୍ କାର୍ପେଟରେ ଆଚ୍ଛାଦିତ କରାହୋଇଛି ଏବଂ ପାଣି ସିଞ୍ଚନ କରାଯିବାର ବ୍ୟବସ୍ଥା ହୋଇଛି ।

ସୂଚନା ଯୋଗ୍ୟ ଯେ, ମେଳା ପରିସରରେ ଦର୍ଶକମାନଙ୍କର ଯାତାୟତର ସୁବିଧା ନମନ୍ତେ ଅଧିକ ଖୋଲାସ୍ଥାନ ରଖାଯାଇଅଛି । ନିରାପତା ଦୃଷ୍ଟିକୋଣରୁ ବ୍ୟପାକ ପୋଲିସ୍ ମୁତୟନ କରାଯିବା ସହିତ ବେସରକାରୀ ସୁରକ୍ଷା ସଂସ୍ଥାକୁ ମଧ୍ୟ ନିୟୋଜନ କରାଯାଇଅଛି । ମେଳା ପରିସର ର ବିଭିନ୍ନ କୋଣରେ ୨୫ ଟି କ୍ଲୋଜ୍ ସର୍କିଟ୍ କ୍ୟାମେରା ଲଗାଯାଇଅଛି ଏବଂ ଏହାର ମନିଟର ପୋଲିସ୍ କଂଟ୍ରୋଲ୍ ରୁମ୍ ( ୨ ଟି ) ଓ ମୁଖ୍ୟ କଂଟ୍ରୋଲ୍ ରୁମ୍ ରେ ରହିଅଛି ।

ସୁରକ୍ଷା ଦୃଷ୍ଟିକୋଣରୁ ମୁଖ୍ୟ  କଂଟ୍ରୋଲ୍ ରୁମ୍, ଆଶୁ ଚିକିତ୍ସା କେନ୍ଦ୍ର, ଅସ୍ଥାୟୀ ଦମ୍ କଳ କେନ୍ଦ୍ର, ଅସ୍ଥାୟୀ ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗ କେନ୍ଦ୍ର ମଧ୍ୟ ଖୋଲାଯାଇଅଛି । ଆବଶ୍ୟକ ପରିମାଣରେ ଅଗ୍ନିର୍ନିବାପକ ଯନ୍ତ୍ର ମହଜୁଦ ରଖାଯାଇଛି । ଚଳିତ ବର୍ଷ UCO Bank ଦ୍ୱାରା ଗ୍ରାହକ ମାନଙ୍କ ସୁବିଧା ପାଇଁ ଅସ୍ଥାୟୀ ATM ବସାଯାଇଛି ।

ପ୍ରତ୍ୟେକ ବର୍ଷ ଭଳି ଦର୍ଶକ ମାନେ ଏହି ମେଳାରୁ ଜିନିଷ ପତ୍ର କିଣାକିଣି କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରୁ ଭରପୁର ଆନନ୍ଦ ନେବାପାଇଁ ସମସ୍ତ ସୁବନ୍ଦୋବସ୍ତ ବିଭାଗ ଦ୍ୱାରା କରାଯାଇଛି ।

******